# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୭୬ (ଓଡ଼ିଆ ବୁଲେଟିନ୍)    ସପ୍ତାହ - ୩୮    ତାରିଖ: ୨୩.୦୯.୨୦୨୫

## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୭.୦୯.୨୦୨୫ ରୁ ୨୩.୦୯.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ସୋନପୁର | 31 | 33 | 34 | 35 | 34 | 33 | 33 | 24 | 25 | 25 | 26 | 25 | 25 | 24 | 13.1 | 0.0 | 0.0 | 2.5 | 0.0 | 0.0 | 16.4 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୪-୦୯-୨୦୨୫ | ୨୫-୦୯-୨୦୨୫ | ୨୬-୦୯-୨୦୨୫ | ୨୭-୦୯-୨୦୨୫ | ୨୮-୦୯-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 25 | 22 | 17 | 13 | 7 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 31 | 32 | 32 | 31 | 31 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 23 | 23 | 25 |
| ମେଘ ଆବରଣ (ଓକଟା) | 7 | 6 | 6 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 91 | 93 | 94 | 95 | 94 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 57 | 64 | 70 | 70 | 62 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 1 | 3 | 4 | 6 | 6 |
| ପବନର ଦିଗ (ଡିଗ୍ରୀ) | 236 | 291 | 349 | 27 | 360 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୦୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୧ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ, ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ ଓ ଉତ୍ତର ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ପୂର୍ବ ଏବଂ ଆଗାମୀ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଅଛି ଯେ ସେମାନେ କୌଣସି ପ୍ରକାରର କୃଷି କାର୍ଯ୍ୟକଳାପ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ, କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ଏବଂ ଘଡ଼ଘଡ଼ି ଏବଂ ବଜ୍ରପାତ ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ବିଭିନ୍ନ ଫସଲରେ ଶୋଷକ କୀଟ, ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।
- ଚାଷୀମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।

### ସଂକ୍ଷିପ୍ତ ଉପଦେଶ

| | | |
|---|---|---|
| • ପୂର୍ବ ଏବଂ ଆଶା କରାଯାଇଥିବା ବର୍ଷା ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନେ ଫଳ ବଗିଚା ଏବଂ ପନିପରିବା କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରିବା ଉଚିତ । | | |
| **ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ** | | |
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ବର୍ଷା ଦିନିଆ ଧାନ | ସକ୍ରିୟ ପିଲ ଅବସ୍ଥା/ କେଣ୍ଡା ବାହାରିବା ଅବସ୍ଥା | • କେଣ୍ଡା ବାହାରିବା ପର୍ଯ୍ୟାୟରେ ୟୁରିଆ ସାରର ଦ୍ୱିତୀୟ ଟପ୍ ଡ୍ରେସିଂ କରିବା ପାଇଁ ପରାମର୍ଶ ଦିଆଯାଇଅଛି । ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ହୋଇଥିବାରୁ, ଚାଷୀମାନଙ୍କୁ କୌଣସି ପ୍ରକାରର ସିଞ୍ଚନ ଏବଂ ଆନ୍ତଃକୃଷି କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀମାନେ ବଙ୍ଗି ପୋକର ଆକ୍ରମଣ ଏବଂ ପତ୍ର ଛାଦ ପୋଡା ରୋଗ ବିରୁଦ୍ଧରେ ସେମାନଙ୍କ କ୍ଷେତର ନିୟମିତ ନିରୀକ୍ଷଣ କରନ୍ତୁ । |
| ମକା | ଫୁଲ ଅବସ୍ଥା (ଟାସେଲିଂ) | • ଏହି ପର୍ଯ୍ୟାୟରେ ନାଇଟ୍ରୋଜେନ୍ ସାରର ଟପ୍ ଡ୍ରେସିଂ କରିବାକୁ ପରାମର୍ଶ ଦିଆଯାଇଅଛି କିନ୍ତୁ ଆଗକୁ ମଧ୍ୟମ ବର୍ଷା ହେବାର ସମ୍ଭାବନା କୁ ଦୃଷ୍ଟିରେ ରଖି ମକା କ୍ଷେତରେ ଯେକୌଣସି ପ୍ରକାରର କୃଷି କାର୍ଯ୍ୟ ପାଇଁ ଚାଷୀଭାଇମାନେ କିଛି ଦିନ ଅପେକ୍ଷା କରନ୍ତୁ । |
| କଦଳୀ | ଅଂଗିୟ ଅବସ୍ଥା (ନୂଆଁ ବଗିଚା) | • ପ୍ରଚଳିତ ପାଗ ଯୋଗୁଁ, କିଛି ନୂତନ ଭାବରେ ଲଗାଯାଇଥିବା କଦଳୀ ଗଛରେ ବିଭିନ୍ନ କବକଜନିତ ରୋଗର ଆକ୍ରମଣ ଦେଖାଯାଇପାରେ, ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ପୂର୍ବ ଦିନର ବର୍ଷା ଯୋଗୁଁ ଜଳଜମା ହେଲା ପରି ପରିସ୍ଥିତି ସୃଷ୍ଟି ହୁଏ, ତେବେ କଦଳୀ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ । |
| ପନିପରିବା ଚାଷ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପନିପରିବା ଖେତରେ ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ଆଗାମୀ ଦିନରେ ଆଶା କରାଯାଉଥିବା ପ୍ରବଳ ପବନରୁ ଫସଲକୁ ରକ୍ଷା କରିବା ପାଇଁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ସ୍ତନହରା ଓ ଫାଟୁଆ ରୋଗର ଆକ୍ରମଣ ପ୍ରତି ସାବଧାନ ରୁହନ୍ତୁ ।<br>• ପଶୁମାନଙ୍କ ଚାରା ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ ମାଟିର ଆର୍ଦ୍ରତାରେ କିମ୍ବା ହାଲୁକା ଜଳସେଚନ କରି ସବୁଜ ଚାରା ବୁଣିବାକୁ ପରାମର୍ଶ ଦିଆଯାଇଅଛି । | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଟୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।